# NATIONAL NEWS BULLETIN (ODIA)

**2 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଅରୁଣାଚଳ ପ୍ରଦେଶ ଏବଂ ସିକ୍କିମ ବିଧାନସଭା ପାଇଁ ଚାଲିଛି ମତଗଣନା ।

- ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ୍‌ଗ୍ରହଣରେ ୬୨ ଦଶମିକ ୩/୬ ପ୍ରତିଶତ ମତଦାନ ସୂଚନା ।

- ତେଲେଙ୍ଗାନା ପ୍ରତିଷ୍ଠା ଦିବସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

- ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି ।

ଏବଂ

- ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୪ର ପ୍ରଥମ ମ୍ୟାଚ୍‌ରେ ୭ଉଇକେଟ୍‌ରେ କାନାଡାକୁ ପରାସ୍ତ କଲା ଆମେରିକା ।

---

## କାଉଣ୍ଟିଙ୍ଗ

ଦେଶରେ ହୋଇଥିବା ସାଧାରଣ ନିର୍ବାଚନର ଭୋଟ୍‌ଗଣତି ଆସନ୍ତା ମଙ୍ଗଳବାର ହେବାକୁ ଥିବାବେଳେ ଆଜି ସକାଳୁ ଅରୁଣାଚଳ ପ୍ରଦେଶ ଏବଂ

ସିକ୍କିମ ବିଧାନସଭା ପାଇଁ ଭୋଟ୍‌ଗଣନା ଆରମ୍ଭ ହୋଇଛି । ଭୋଟ୍‌ଗଣନାର କିଛି ପର୍ଯ୍ୟାୟ ପରେ ଫଳାଫଳ ଆସିବା ଆରମ୍ଭ ହୋଇଛି । ଏପର୍ଯ୍ୟନ୍ତ ମିଳିଥିବା ସମ୍ବାଦ ଅନୁଯାୟୀ ଅରୁଣାଚଳ ପ୍ରଦେଶରେ ଭାରତୀୟ ଜନତା ପାର୍ଟି ବିଜୟଲକ୍ଷ୍ୟ ଆଡକୁ ଅଗ୍ରସର ହେଉଥିବାବେଳେ ସିକ୍କିମରେ ଶାସକ ସିକ୍କିମ କ୍ରାନ୍ତିକାରି ମୋର୍ଚ୍ଚା ବିଜୟ ଆଡକୁ ଅଗ୍ରସର ହେଉଛି ।

ଅରୁଣାଚଳ ପ୍ରଦେଶରେ ୩୩ଟି ଆସନର ଫଳାଫଳ ମିଳିସାରିଛି । ଭାରତୀୟ ଜନତା ପାର୍ଟି ୨୬ଟି ଆସନ ଅକ୍ତିଆର କରିଥିବାବେଳେ ହେମଜୋଙ୍ଗ ତଙ୍ଗା ଚାଙ୍ଗଲାଙ୍ଗ ଦକ୍ଷିଣ ଆସନରେ ନ୍ୟାସନାଲ ପିପୁଲ୍ସ ପାର୍ଟିର ତିମପୁ ନଗେମୁଙ୍କୁ ପରାଜିତ କରିଛନ୍ତି । ନ୍ୟାସନାଲ ପିପୁଲ୍ସ ପାର୍ଟି ୩ଟି ଆସନରେ ବିଜୟୀ ହୋଇଛି । ସେହିପରି ପିପୁଲ୍ସ ପାର୍ଟି ଅଫ୍ ଅରୁଣାଚଳକୁ ୨ଟି, ଏନ୍.ସି.ପି.କୁ ଗୋଟିଏ ଏବଂ ଜଣେ ସ୍ୱାଧୀନ ପାର୍ଥୀ ଗୋଟିଏ ଆସନରେ ବିଜୟୀ ହୋଇଛନ୍ତି । ୬୦ଆସନ ବିଶିଷ୍ଟ ଅରୁଣାଚଳପ୍ରଦେଶ ବିଧାନସଭାରେ ପୂର୍ବରୁ ଭାରତୀୟ ଜନତା ପାର୍ଟି ୧୦ଟି ଆସନରେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇସାରିଛି । ଅନ୍ୟ ୫୦ଟି ଆସନ ମଧ୍ୟରେ ବିଜେପି ୯ଟି ଆସନରେ ଆଗୁଆ ଥିବାବେଳେ ନ୍ୟାସନାଲ ପିପୁଲ୍ସ ପାର୍ଟି ୨ଟି, ଏନ୍‌ସିପି ୨ଟି, କଂଗ୍ରେସ ଗୋଟିଏ ଏବଂ ସ୍ୱାଧୀନପ୍ରାର୍ଥୀମାନେ ୨ଟି ଆସନରେ ଆଗୁଆ ଅଛନ୍ତି ।

ଏପର୍ଯ୍ୟନ୍ତ ଗଣନାରେ ସିକ୍କିମର ୨୦ଟି ଆସନର ଫଳାଫଳ ହସ୍ତଗତ ହୋଇଛି । ଏଥିରେ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା ଏବଂ ସିକ୍କିମ ଡେମୋକ୍ରାଟିକ ଫ୍ରଣ୍ଟକୁ ୧୯ଟି ଆସନ ମିଳିଛି । ରାଜ୍ୟରେ ୩୨ଟି ଆସନରେ ନିର୍ବାଚନ ହୋଇଥିବାବେଳେ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା ୧୨ଟି

ଆସନରେ ଆଗୁଆ ରହିଛି । ଉଭୟ ଅରୁଣାଚଳ ପ୍ରଦେଶ ଏବଂ ସିକ୍କିମର ବିଧାନସଭା କାର୍ଯ୍ୟକାଳ ଆଜି ଶେଷ ହେଉଛି । ଉଭୟ ବିଧାନସଭା ଲାଗି ଗତ ଏପ୍ରିଲ ମାସ ୧୯ ତାରିଖରେ ନିର୍ବାଚନ ହୋଇଥିଲା ।

## ସପ୍ତମ ପର୍ଯ୍ୟାୟ ନିର୍ବାଚନ

ଦେଶର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଗ୍ରହଣରେ ଗତକାଲି ପାଖାପାଖି ୬୨ ଦଶମିକ ୩/୬ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହି ପର୍ଯ୍ୟାୟ ମତଗ୍ରହଣ ସହ ଗତ ଏପ୍ରିଲ ୧୯ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱର ସର୍ବବୃହତ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ଗତକାଲି ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ଏହି ପର୍ଯ୍ୟାୟରେ ୫୭ଟି ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ୯୦୪ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭବିଷ୍ୟତ ଇଭିଏମ୍‌ରେ ସିଲ୍ ହୋଇଯାଇଛି । ଏହି ପର୍ଯ୍ୟାୟରେ ପଞ୍ଜାବ ଓ ଉତ୍ତରପ୍ରଦେଶରେ ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗରେ ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳପ୍ରଦେଶରେ ୪ଟି, ଝାଡ଼ଖଣ୍ଡରେ ୩ଟି ଏବଂ ଚଣ୍ଡିଗଡର ଗୋଟିଏ ଲୋକସଭା ଆସନ ପାଇଁ ମତଦାନ ହୋଇଥିଲା । ବିହାରରେ ୫୧ଦଶମିକ ୯/୨ ପ୍ରତିଶତ, ଚଣ୍ଡିଗଡରେ ୬୭ଦଶମିକ ୯, ହିମାଚଳପ୍ରଦେଶରେ ୭୦ଦଶମିକ ୦/୫, ଝାଡଖଣ୍ଡରେ ୭୦ ଦଶମିକ ୬/୬, ପଞ୍ଜାବରେ ୬୧ ଦଶମିକ ୩/୨, ଉତ୍ତରପ୍ରଦେଶରେ ୫୫ ଦଶମିକ ୫/୯, ପଶ୍ଚିମବଙ୍ଗରେ ୭୩ ଦଶମିକ ୭/୯ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

ଓଡ଼ିଶାରେ ଗତକାଲି ଚତୁର୍ଥ ଏବଂ ଶେଷ ପର୍ଯ୍ୟାୟରେ ୬ଟି ଲୋକସଭା ଆସନ ସହ ୪୨ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯାଇଛି । ୭୦ ଦଶମିକ ୬/୭ ପ୍ରତିଶତ ମତଦାତା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଥିବା ଜଣାପଡିଛି । ଲୋକସଭା ଆସନ ଗୁଡ଼ିକ ପାଇଁ ନିର୍ବାଚନ ଲଢ଼ିଥିବା ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବି.ଜେ.ପି. ନେତା ଅନୁରାଗ ସିଂହ ଠାକୁର, ରବିଶଙ୍କର ପ୍ରସାଦ, କଙ୍ଗନା ରଣାଓ୍ୱତ୍, କଂଗ୍ରେସର ମନୀଶ ତିଓ୍ୱାରୀ, ବିକ୍ରମାଦିତ୍ୟ ସିଂହ, ଆର୍.ଜେ.ଡି. ନେତା ମିଶା ଭାରତୀ ଏବଂ ତୃଣମୂଳ କଂଗ୍ରେସର ଅଭିଷେକ ବାନାର୍ଜୀ ପ୍ରମୁଖ ଅଛନ୍ତି ।

ଏହି ପର୍ଯ୍ୟାୟରେ ହିମାଚଳପ୍ରଦେଶର ୬ଟି ବିଧାନସଭା ଆସନ, ବିହାରର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ଗୋଟିଏ ଲେଖାଏଁ ବିଧାନସଭା ଆସନ ପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ଏବଂ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଓ ଡକ୍ଟର ସୁଖବୀର ସିଂହ ସାନ୍ଧୁ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ଭାବେ ସମ୍ପନ୍ନ କରିବା ଲାଗି ସମସ୍ତ ପ୍ରକାର ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିଥିଲେ । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଭୋଟ୍‌ଗ୍ରହଣ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ଆୟୋଗ କହିଛନ୍ତି ଭୋଟ୍‌ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତ ନିର୍ବାଚନରେ ପୁନଃ ମତଦାନ ମଧ୍ୟ ବହୁ ପରିମାଣରେ ହ୍ରାସ ପାଇଛି । ଗଣତନ୍ତ୍ର ପାଇଁ ଏହା ଏକ ଶୁଭ ଖବର ବୋଲି ଆୟୋଗ କହିଛନ୍ତି ।

ଆସନ୍ତା ମଙ୍ଗଳବାର ଦିନ ସମସ୍ତ ପର୍ଯ୍ୟାୟ ଭୋଟ୍‌ଗଣତି ଏକାସଙ୍ଗେ କରାଯିବ ।

## ପିଏମ୍-ତେଲେଙ୍ଗାନା ଫର୍ମେସନ୍

ତେଲେଙ୍ଗାନା ଆଜି ତା'ର ପ୍ରତିଷ୍ଠା ଦିବସ ପାଳନ କରୁଛି । ଏହି ଅବସରରେ ରାଜ୍ୟତମାମ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ, ସମସ୍ତ ରାଜନୈତିକ ଦଳର ବରିଷ୍ଠ ନେତା ଏବଂ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଜାତୀୟପତାକା ସ୍ଥାନିତ କରାଯାଇଛି । ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ସିକନ୍ଦରାବାଦ ପରେଡ୍ ଗ୍ରାଉଣ୍ଡଠାରେ ଅଭିବାଦନ ଗ୍ରହଣ କରିଛନ୍ତି । ଏଥିରେ ତେଲେଙ୍ଗାନାର ରାଜ୍ୟ ସଂଗୀତ 'ଜୟଜୟ ହେ ତେଲେଙ୍ଗାନା' ଉନ୍ମୋଚନ କରାଯାଇଛି ।

ପୂର୍ବରୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତେଲେଙ୍ଗାନାକୁ ରାଜ୍ୟ ମାନ୍ୟତା ଦେବାରେ ଯେଉଁମାନେ ପ୍ରଚେଷ୍ଟା ଦେଇଥିଲେ ସେମାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । କଂଗ୍ରେସର ବରିଷ୍ଠ ନେତା ସୋନିଆ ଗାନ୍ଧୀ ଏହି ଅବସରରେ କହିଛନ୍ତି ରେବନ୍ତ ରେଡ୍ଡୀ ସରକାର ଲୋକମାନଙ୍କର ସମସ୍ତ ଆଶା ଓ ଅକାଂକ୍ଷା ପୂରଣ କରିବାରେ ସମର୍ଥ ହେବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତେଲେଙ୍ଗାନାର ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରତ୍ୟେକ ଭାରତୀୟ ନିଜ ରାଜ୍ୟର ପ୍ରତିଷ୍ଠା ଦିବସରେ ନିଜକୁ ଗୌରବାନ୍ୱିତ ମନେକରନ୍ତି । ଶ୍ରୀ ମୋଦୀ

କହିଛନ୍ତି ତାଙ୍କ ସରକାର ତେଲେଙ୍ଗାନାକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଆବଶ୍ୟକ ସ୍ଥଳେ ଯୋଗାଇଦେବେ ।

## ପୁରୀ ବାଣ ବିସ୍ଫୋରଣ ଘଟଣା

ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଛି । ଆହତ ୧୯ଜଣ ଏବେ ମଧ୍ୟ ବିଭିନ୍ନ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏବେ ବି ଗୁରୁତର ଆହତଙ୍କ ମଧ୍ୟରରୁ କେତେଜଣଙ୍କୁ ଚିହ୍ନଟ କରାଯାଇ ପାରିନାହିଁ । ସେମାନଙ୍କର ଡିଏନ୍‌ଏ ପରୀକ୍ଷା କରିବାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ଏହି ଘଟଣାରେ ପୁଲିସ ନିଜଆଡୁ ଅପରାଧିକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି ।

ରାଜ୍ୟ ଗୃହବିଭାଗ ନିର୍ଦ୍ଦେଶ କ୍ରମେ ଆସନ୍ତା ୫ ତାରିଖରେ ପୁରୀ ସର୍କିଟ୍ ହାଉସ୍‌ଠାରେ ଏନେଇ ଏକ ତଦନ୍ତ ବୈଠକ ବସିବ । ଏଥିରେ ପୁରୀ ଅଗ୍ନିଶମ ଅଧିକାରୀ, ପୁଲିସ ଅଧିକ୍ଷକ, ବିଭିନ୍ନ ସଂଗଠନ, ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସାକ୍ଷ୍ୟ ସଂଗ୍ରହ କରାଯିବ । ସୂଚନଯୋଗ୍ୟ ଗତକାମସ ୨୯ ତାରିଖରେ ନରେନ୍ଦ୍ର ପୁଷ୍କରିଣୀରେ ଭଉଁରୀ ଯାତ୍ରା ସମୟରେ ଏହି ଦୁର୍ଘଟଣା ଘଟିଥିଲା ।

## କଂଗ୍ରେସ ମିଟ୍

କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଓ ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ନୂଆଦିଲ୍ଲୀଠାରେ ଆଜି ଏକ ଆଭାସୀ ବୈଠକରେ ଯୋଗଦେଇଛନ୍ତି । ଏଥିରେ ଭୋଟ୍‌ଗଣତି ପୂର୍ବରୁ ମେଣ୍ଟ ଦଳଗୁଡ଼ିକ ସହ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ଲାଗି ଆଲୋଚନା ହୋଇଛି । ବୈଠକରେ ଦଳର ଲୋକସଭା ପ୍ରାର୍ଥୀ, ସଂସଦୀୟ ପ୍ରାର୍ଥୀ ଏବଂ ପ୍ରଦେଶ କଂଗ୍ରେସ କମିଟିର ସଭାପତିମାନେ ଯୋଗ ଦେଇଥିଲେ ।

## ଇଣ୍ଡିଆ-କ୍ୟୁବା ଆସିଷ୍ଟାନ୍ସ

ଭାରତ ଆଜି କ୍ୟୁବାକୁ ମାନବିକ ସହାୟତା ପଠାଇଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଭାରତ ୯୦ ଟନ୍ ଜୀବନ ରକ୍ଷାକାରୀ ସାମଗ୍ରୀ ମୁନ୍ଦ୍ରା ବନ୍ଦରରୁ କ୍ୟୁବା ଅଭିମୁଖେ ପଠାଯାଇଛି । ଶ୍ରୀ ଜୟସ୍ୱାଲ କହିଛନ୍ତି ଏହି ମାନବିକ ସହାୟତା ପଠାଇବା ଉଭୟ ଦେଶ ମଧ୍ୟରେ ଉତ୍ତମ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରତିପାଦିତ କରୁଛି ।

## ପଞ୍ଜାବ ଆକ୍ସିଡେଣ୍ଟ

ପଞ୍ଜାବର ନିଉ ସିର୍‌ହିନ୍ଦ ରେଳ ଷ୍ଟେସନ ନିକଟରେ ଦୁଇଟି ମାଲ୍‌ବାହୀ ରେଳଗାଡି ମଧ୍ୟରେ ଧକ୍କା ହେବା ଫଳରେ ୨ଜଣ ଲୋକୋ ପାଇଲଟ ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ପଟିଆଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ ରୋପାର ଅଭିମୁଖେ ଯାଉଥିବା ଟ୍ରେନ୍‌ଟି ଧାରଣା ଉପରେ ଅଟକିଥିବାବେଳେ ଅନ୍ୟ ଏକ ମାଲବାହୀ ଟ୍ରେନ୍ ପଛପଟୁ ଧକ୍କା ଦେଇଥିଲା । ଘଟଣା ପରେ ପରେ କୋଲକାତାରୁ

ଜାମ୍ତାଡ଼ା ଅଭିମୁଖେ ଯାଉଥିବା ଯାତ୍ରୀବାହୀ ସମର ସ୍ପେଶାଲ ଟ୍ରେନ୍‌ଟି ଧୀରଗତିରେ ଯାଉଥିବାରୁ ଅନ୍ୟଏକ ଦୁର୍ଘଟଣାକୁ ଏଡାଇ ଦିଆଯାଇଥିଲା । ଘଟଣାସ୍ଥଳରେ ବରିଷ୍ଠ ରେଳବାଇ ଅଧିକାରୀମାନେ ପହଞ୍ଚି ଟ୍ରେନ୍ ଚଳାଚଳ ସ୍ୱାଭାବିକ କରିବା ଲାଗି ପଦକ୍ଷେପ ଗ୍ରହଣ କରିଥିଲେ ।

# ପିଏମ୍ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୭ଟି ଲଗାତର ବୈଠକ କରିବେ ବୋଲି ଜଣାପଡିଛି । ସେହି ବୈଠକଗୁଡ଼ିକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି । ସୂଚନା ଅନୁଯାୟୀ  ପ୍ରଥମ ବୈଠକରେ ବାତ୍ୟା ପରବର୍ତ୍ତୀ ପରିସ୍ଥିତି ଉପରେ ସମୀକ୍ଷା କରାଯିବ । ଏହାପରେ ଶ୍ରୀ ମୋଦୀ ଦେଶରେ  ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ସମୀକ୍ଷା କରିବେ । ଅନ୍ୟପକ୍ଷରେ ବିଶ୍ୱ ପରିବେଶ ଦିବସ ପାଳନ ନେଇ ଏକ ବୈଠକ ବସିବାର କାର୍ଯ୍ୟକ୍ରମ ରହିଛି । ତେବେ ନିର୍ବାଚନ ପୂର୍ବରୁ ଆସନ୍ତା ୧୦୦ ଦିନ ପାଇଁ ଘୋଷଣା କରାଯାଇଥିବା ଯୋଜନା ସମ୍ପର୍କରେ ଆଜି ବିଶେଷଭାବେ ବୈଠକରେ ଆଲୋଚନା ହେବ ।

# ପିଏମ୍-ଇସିଆଇ

ଅଷ୍ଟାଦଶ ଲୋକସଭା ନିର୍ବାଚନ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇ ଥିବାରୁ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ଭାରତର ନିର୍ବାଚନ ଆୟୋଗଙ୍କୁ ତାଙ୍କର ଦୃଷ୍ଟାନ୍ତମୂଳକ କାର୍ଯ୍ୟ, ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶଂସା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ କହିଛନ୍ତି ଭାରତୀୟ ଗଣତନ୍ତ୍ରକୁ ମଜଭୁତ କରିବାରେ ନିର୍ବାଚନ ଆୟୋଗଙ୍କ ନିଷ୍ଠାପର ଉଦ୍ୟମ ପ୍ରଶଂସନୀୟ । ଭାରତର ନିର୍ବାଚନ ପ୍ରକ୍ରିୟା ଅନ୍ୟମାନଙ୍କ ପାଇଁ ଉଦାହରଣ

ସ୍ୱରୂପ ବୋଲି ସେ କହିଛନ୍ତି । ସେହିଭଳି ସୁରକ୍ଷା ସଂସ୍ଥାଗୁଡ଼ିକୁ ମଧ୍ୟ ସେମାନଙ୍କର ଚେଷ୍ଟା ଏବଂ ଉଦ୍ୟମ ପାଇଁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କର ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ବୋଲି ସେ କହିଛନ୍ତି । ଏଥିସହ ନିର୍ବାଚନ ସହ ସଂପୃକ୍ତ ପ୍ରତ୍ୟେକଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ଟି-୨୦ ୱାର୍ଲ୍ଡକପ୍

ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୪ର ପ୍ରଥମ ମ୍ୟାଚ୍‌ରେ ଆମେରିକା କାନାଡାକୁ ୭ୱିକେଟ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କାନାଡା ୨୦ ଓଭରରେ ୫ୱିକେଟ୍ ବିନିମୟରେ ୧୯୪ରନ୍ କରିଥିବାବେଳେ ଆୟୋଜକ ଆମେରିକା ଆମେରିକା ୧୮ ଓଭରରେ ୧୯୫ ରନ୍ କରିବାରେ ସକ୍ଷମ ହୋଇଥିଲା ।